ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# 'ଫକୀର ମୋହନ କେବଳ ଫଟୋ ଓ ମୂର୍ତ୍ତିରେ ସୀମିତ ନୁହେଁ'

## : ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୧୪ ଜାନୁଆରୀ ୨୦୨୦

ବ୍ୟାସକବି ଫକୀର ମୋହନ ସେନାପତି ଓଡ଼ିଆ ଭାଷା ଓ ସାହିତ୍ୟର କାଳଜୟୀ ସ୍ରଷ୍ଟା । ତାଙ୍କ ପବିତ୍ର ସ୍ମୃତିରେ ଓଡ଼ିଆ ଭାଷା-ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଥିବାବେଳେ ତାଙ୍କ ପାଇଁ ନୂଆ କିଛି କରିବାକୁ ଆମେ ସଂକଳ୍ପ ନେବା ଉଚିତ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମତ ଦେଇଛନ୍ତି । ଆଜି ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସମ୍ମାନ ପ୍ରାପକ କଟକସ୍ଥିତ ସାରଳା ସାହିତ୍ୟ ସଂସଦର ସଭାପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ମନୋଜ୍ଞ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କଟକସ୍ଥିତ ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ଡ. ପ୍ରଭାକର ସ୍ୱାଇଁଙ୍କୁ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଏହି ସମ୍ମାନ ପ୍ରଦାନ କରିଥିଲେ । ସମ୍ମାନ ବାବଦରେ ସଂସଦକୁ ଏକ ଲକ୍ଷ ଟଙ୍କାର ଅର୍ଥରାଶି ସମେତ ପ୍ରଶସ୍ତି ପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା । ପ୍ରାପକ ଇଂ . ସ୍ୱାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନପୂର୍ବକ ଓଡ଼ିଆ ଭାଷା-ସାହିତ୍ୟର ପ୍ରଚାରପ୍ରସାରରେ ତାଙ୍କ ଅନୁଷ୍ଠାନ ଅଧିକତର ବ୍ରତୀ ହେବ ବୋଲି ସମ୍ମାନ ପ୍ରଦାନର ଉତ୍ତର ଦେଇଥିଲେ ।

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ବିଶିଷ୍ଟ କବି ତଥା ନାଟ୍ୟକାର ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପ୍ରସିଦ୍ଧ ସାହିତ୍ୟିକ ତଥା ବିଦ୍ୱାନ ଶ୍ରୀ ହରପ୍ରସାଦ ଦାସ କହିଲେ ଗୋଟିଏ ପୁରସ୍କାର ବଳରେ ଅନୁଷ୍ଠାନ ବ୍ୟକ୍ତି ଏବଂ ବ୍ୟକ୍ତି ଅନୁଷ୍ଠାନରେ ପରିଣତ ହୁଏ । ଓଡ଼ିଆ ଜାତୀୟ ଜୀବନରେ ବ୍ୟକ୍ତି ଓ ଅନୁଷ୍ଠାନର ଦ୍ୱୈତ ଆମର ପରମ୍ପରା । ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଶ୍ରେଷ୍ଠତମ ବ୍ୟକ୍ତିତ୍ୱ ହୋଇଥିବାବେଳେ ଆଜିର କାର୍ଯ୍ୟକ୍ରମରେ ମହାକବି ସାରଳା ଦାସଙ୍କୁ ବ୍ୟାସକବି ଫକୀର ମୋହନ ସଙ୍ଖୋଳୁଛନ୍ତି । ସେ ସାରଳା ଦାସଙ୍କୁ ଓଡ଼ିଶାର ପ୍ରଥମ ବ୍ୟାସ ଓ ଫକୀର ମୋହନଙ୍କୁ ଦ୍ୱିତୀୟ ବ୍ୟାସ ଭାବେ ଅଭିହିତ କରି ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସ ମହାଭାରତ ରଚନା କରି ଓଡ଼ିଆ ଭାଷାକୁ ସାମର୍ଥ୍ୟ ପ୍ରଦାନ କରିବା, ମହାକାବ୍ୟର ଚରିତ୍ରମାନଙ୍କୁ ଓଡ଼ିଆତ୍ୱ ଦେବା ଓ ସଂସ୍କୃତର ଗୁରୁତ୍ୱ ତୁଟାଇ ଓଡ଼ିଆ ଶବ୍ଦ ପ୍ରୟୋଗରେ ଧ୍ୟାନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କଥା ଦର୍ଶାଇଥିଲେ । ତାଙ୍କ ଯୋଗୁଁ ଓଡ଼ିଶାର ଭାଷା ଓଡ଼ିଆ, ଉଡ୍ର ଦେଶ ଓଡ଼ିଶା, ରାଷ୍ଟ୍ର ଦେବତା ଜଗନ୍ନାଥ ଓ ରାଷ୍ଟ୍ର ପାଠ ମହାଭାରତ ବୋଲି ପ୍ରମାଣିତ ହେଲା । ଓଡ଼ିଶାର ସାହିତ୍ୟ, ସମାଜ ଓ ସଂସ୍କୃତିର ଗୁଣସୂତ୍ରକୁ ଏକାଠି କରିବାରେ ସାରଳା ଦାସ ସମର୍ଥ ହୋଇଥିଲେ ଓ ଫକୀର ମୋହନ ସେହିପରି ଓଡ଼ିଆ ସାହିତ୍ୟର ଉନ୍ନତି କରିଥିଲେ ବୋଲି ଦର୍ଶାଇଥିଲେ । ଶ୍ରୀ ଦାସ ଓଡ଼ିଆ ଭାଷାକୁ ପ୍ରଜ୍ଞାନ ଭାଷା ଭାବରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇ ଆଧୁନିକ ଯୁଗରେ ଓଡ଼ିଆ ଭାଷାର ଭବିଷ୍ୟତ ଉପରେ ତାଙ୍କର ସୁଚିନ୍ତିତ ମତାମତ ଉଲ୍ଲେଖ କରିଥିଲେ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଓ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନାୟକ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ବ୍ୟାସକବି ଫକୀର ମୋହନଙ୍କ କୃତି ଓ କୃତିତ୍ୱ,

ସଂସ୍କୃତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସାରଳା ସାହିତ୍ୟ ସଂସଦର କାର୍ଯ୍ୟକ୍ରମ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ କଥାକାର ଡ. ଜୟନ୍ତୀ ରଥ ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଶାଶ୍ୱତୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ସୂଚନା ଅଧିକାରୀ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଲେଖକ-କବି, ବୁଦ୍ଧିଜୀବୀ, ଗବେଷକ, ସଂଗଠକ ଓ ସଂସ୍କୃତିକର୍ମୀ ଯୋଗଦେଇଥିବାବେଳେ ଏକାଡେମୀ ପକ୍ଷରୁ ଶ୍ରୀ ସଂଜୟ ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ